# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 February – 2026

*******************************

## ମୁଖ୍ୟ ସମ୍ବାଦ

- ରାଜ୍ୟପାଳଙ୍କ ଅଭିଭାଷଣ ସହ ଆରମ୍ଭ ହେଲା ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ

— ଖାଦ୍ୟ ସୁରକ୍ଷା ଯୋଜନାରେ ୬ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀ ସାମିଲ

— ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସାକାର କରିବା ପାଇଁ ଓଡ଼ିଶା ହେବ ସେମିକଣ୍ଡକ୍ଟର ହବ୍; କହିଲେ ରାଜ୍ୟପାଳ

- କୃତ୍ରିମ ବୁଦ୍ଧିମତ୍ତା ଏବଂ ଶିକ୍ଷା ପରସ୍ପର ପରିପୂରକ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- ସୁଭଦ୍ରା ଯୋଜନାରେ ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ୧ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମିଳିବ ସହାୟତା ରାଶି

ଏବଂ

- ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଆଜିଠାରୁ ହେଲା ଆରମ୍ଭ

# ବଜେଟ୍ ଅଧିବେଶନ

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଗୃହକୁ ସମ୍ବୋଧିତ କରି କହିଛନ୍ତି, ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୪୦ ହଜାର ନୂତନ ହିତାଧିକାରୀଙ୍କୁ ଯୋଡିଛନ୍ତି। ଚଳିତବର୍ଷରେ ସରକାର ୨ ହଜାର ୭୧୧ କିଲୋମିଟରରୁ ଊର୍ଦ୍ଧ୍ୱ ୬୪୮ଟି ରାସ୍ତା ନିର୍ମାଣ କରିବାର ଯୋଜନା ରଖିଛନ୍ତି। ଓଡ଼ିଶାକୁ ଭାରତର ବିକାଶ ଇଞ୍ଜିନ୍ ଭାବେ ଅଭିହିତ କରି ରାଜ୍ୟପାଳ କହିଛନ୍ତି, ଦେଶର ବିକାଶଯାତ୍ରାରେ ରାଜ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ୨୦୩୬ ମସିହାରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂରଣ ହେଉଥିବାରୁ ରାଜ୍ୟ ସରକାର ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନ ଲାଗି ଅନେକ ବିକାଶମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। କେନ୍ଦ୍ର ସରକାରଙ୍କ ସହଯୋଗକୁ ପ୍ରଶଂସା କରି ରାଜ୍ୟପାଳ କହିଛନ୍ତି, ଓଡ଼ିଶାର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ଅନେକଗୁଡ଼ିକ ମୌଳିକ ଭିତ୍ତିଭୂମି ଓ ବିକାଶ ପ୍ରକଳ୍ପ ଦେଇଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ୍ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରିବାକୁ ରାଜ୍ୟ ସରକାର ଭବିଷ୍ୟତ ଦୃଷ୍ଟିକୋଣ ସ୍ଥିର କରିଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି।

ଶିକ୍ଷା କ୍ଷେତ୍ରରେ ସରକାରଙ୍କ ଉଲ୍ଲେଖନୀୟ ଉପଲବ୍ଧି ରହିଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ସହଯୋଗରେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୨୦୨୫-୨୬ରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଏସ୍‌ସି-ଏସ୍‌ଟି-ଓବିସି-ଇବିସି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଭାବେ ୭୬୦ କୋଟି ଟଙ୍କା ଓ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ୫୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଅନୁସୂଚୀତ ଜନଜାତି ଓ ଜାତିର ବାଳକ ଅନ୍ତେବାସୀଙ୍କ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ହାରକୁ ୧୭ ଶହ ଟଙ୍କାକୁ ବୃଦ୍ଧି କରାଯାଇଛି। ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନା ମାଧ୍ୟମରେ ୨୦୨୫-୨୬ ଆର୍ଥିକବର୍ଷରେ ୭୬ ହଜାର ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ୩୮ କୋଟି ଟଙ୍କା ମଞ୍ଜୁର କରାଯାଇଛି।

ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ଓଡ଼ିଶା ସେମିକଣ୍ଡକ୍ଟର ହବ୍ ହେବାକୁ ଯାଉଛି ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟର ପ୍ରଯୁକ୍ତିଗତ ଅଗ୍ରଗତି ଏବଂ ଔଦ୍ୟୋଗିକ ବିସ୍ତାର ଦିଗରେ ସେମିକଣ୍ଡକ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାଜ୍ୟପାଳ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ କହିବା ସହ ଏଗୁଡ଼ିକ ରାଜ୍ୟରେ ସଂଯୋଗୀକରଣ, ବ୍ୟବସାୟ, ପୁଞ୍ଜିନିବେଶ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ଗତିଶୀଳ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

ରାଜ୍ୟପାଳ ରାଜ୍ୟର ବିକାଶରେ ଶିଳ୍ପ ଅଭିବୃଦ୍ଧି, ଲଘୁ ଖଣିଜ କ୍ଷେତ୍ରରେ ସଂସ୍କାର, ପୁଞ୍ଜି ବିନିଯୋଗ, ରୋଜଗାର ସୃଷ୍ଟି, ଶିକ୍ଷା, ଖାଦ୍ୟ ସୁରକ୍ଷା ଯୋଜନା, ଲକ୍ଷପତି ଦିଦି ଆଦି ସମ୍ପର୍କରେ ଗୃହକୁ ଅବଗତ କରାଇଛନ୍ତି। ବିଶେଷଭାବେ ମାଓବାଦ ଦମନରେ ରାଜ୍ୟକୁ ସଫଳତା ମିଳିଥିବା ରାଜ୍ୟପାଳ କହିଛନ୍ତି। ଗତ ୫ ବର୍ଷରେ ୪୮ ଜଣ ମାଓବାଦୀ ନିହତ ହୋଇଥିବାବେଳେ ୭୮ ଜଣଙ୍କୁ ଗିରଫ କରାଯାଇଛି। ସରକାରଙ୍କ ଆହ୍ୱାନ ପରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ୮୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ରାଜ୍ୟପାଳ କହିଥିଲେ।

ଗୃହକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଦିବଂଗତ ପୂର୍ବତନ ମନ୍ତ୍ରୀ କାହ୍ନୁଚରଣ ଲେଙ୍କା, ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ଆଚାର୍ଯ୍ୟ, କୁଳମଣି ରାଉତ ଓ ସଂଚିତ ମହାନ୍ତି, ସଦସ୍ୟ ରାସେଶ୍ୱରୀ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଶୋକପ୍ରସ୍ତାବକୁ ସମର୍ଥନ କରି ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଶୋକ ବ୍ୟକ୍ତ କରିବା ସହ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଚଳିତମାସ ୨୪ ତାରିଖ ଯାଏଁ ଚାଲିବ।

ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରେ ଆରମ୍ଭ ହୋଇ ଏପ୍ରିଲ ମାସ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନ କାଳରେ ମୋଟ ୨୮ଟି କାର୍ଯ୍ୟଦିବସ ରହିଛି। ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ଅର୍ଥବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ବଜେଟ୍ ଆଗତ କରିବେ। କାର୍ଯ୍ୟସୂଚୀ ଅନୁଯାୟୀ, ଚଳିତମାସ ୨୩ ଓ ୨୪ ତାରିଖରେ ବଜେଟ୍ ଉପରେ ଆଲୋଚନା ହେବ।

## ପ୍ରଧାନ-ଏଆଇ ପ୍ରଭାବ ସମିଟ୍

କୃତ୍ରିମ ବୁଦ୍ଧିମତ୍ତା ଏବଂ ଶିକ୍ଷା ପରସ୍ପର ପରିପୂରକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ଶିଖର ସମ୍ମିଳନୀ ୨୦୨୬ର ଆଜି ଦ୍ୱିତୀୟ ଦିନରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଭାରତ ଏବେ ବୁଦ୍ଧିମତ୍ତା ଆଧାରିତ ସମାଜ ଆଡକୁ ଅଗ୍ରସର ହେଉଛି। ସେ କହିଛନ୍ତି, ଭାରତ ଭଳି ବହୁପକ୍ଷୀୟ ଦେଶ ପାଇଁ ବ୍ୟବସ୍ଥାର ଜଟିଳତାକୁ ବୁଝିବା ଏବଂ ଏହାକୁ ଲୋକଙ୍କ ବ୍ୟବହାରରେ ପ୍ରୟୋଗ କରିବା କ୍ଷେତ୍ରରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦେଶର ଯୁବପିଢ଼ିଙ୍କୁ ଏଆଇର ପ୍ରଯୁକ୍ତିବିଦ୍ୟାକୁ ଭଲ ଭାବେ ବୁଝିବା ଲାଗି ମନ୍ତ୍ରୀ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

**- V/O - (**ଧର୍ମେନ୍ଦ୍ର ପ୍ରଧାନ**)**

## ସୁଭଦ୍ରା କିସ୍ତି

ମହିଳାମାନଙ୍କ ବହୁବିଧ ବିକାଶ ଓ ଆର୍ଥିକ ସଶକ୍ତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୧ କୋଟିରୁ ଅଧିକ ମହିଳାଙ୍କୁ ଏହି କିସ୍ତି ପ୍ରଦାନ କରାଯିବ। ଗ୍ରାମୀଣ ଅର୍ଥନୀତିକୁ ସୁଭଦ୍ରା ଯୋଜନା ସମୃଦ୍ଧ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ କହିଛନ୍ତି। ସେ କହିଛନ୍ତି, ଏହି ପର୍ଯ୍ୟାୟରେ ୫ ହଜାର କୋଟିରୁ ଅଧିକ ଟଙ୍କା ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ।

**- V/O - (**ପ୍ରଭାତୀ ପରିଡା**)**

## ସମବାୟ-ଅମିତ ଶାହ

ଦେଶରେ ସମବାୟ କ୍ଷେତ୍ରକୁ ଅଧିକ ସ୍ୱଚ୍ଛ, ଆଧୁନିକ ଏବଂ ସଦସ୍ୟ କୈନ୍ଦ୍ରିକ କରିବା ଉଦ୍ଦେଶ୍ୟରେ ଆଜି ଗୁଜୁରାଟ ଗାନ୍ଧିନଗରର ମହାତ୍ମା ମନ୍ଦିରରେ ମନ୍ଥନ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ୍ ଶାହ ଅଧ୍ୟକ୍ଷତା କରି କହିଛନ୍ତି, ଗ୍ରାମୀଣ ଅର୍ଥନୀତିର ଅଭିବୃଦ୍ଧି ନିମନ୍ତେ ସମବାୟ କ୍ଷେତ୍ରରେ ସଂସ୍କାର ଆସିବା ଜରୁରୀ। ଦେଶର ସମବାୟ ଆନ୍ଦୋଳନରେ ଗୁଜୁରାଟର ପ୍ରମୁଖ ଭୂମିକା ରହିଥିବା ମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି। ବୈଠକରେ ୨ ଲକ୍ଷ ନୂତନ ବହୁମୁଖୀ ପାକ୍ସ ପ୍ରତିଷ୍ଠା ଓ ଉତ୍ତମ

ଶସ୍ୟ ସଂରକ୍ଷଣ ପାଇଁ ଆଧୁନିକ ଗୋଦାମଗୁଡ଼ିକର କାର୍ଯ୍ୟକାରିତା ଉପରେ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି ।

## ସିବିଏସ୍‌ଇ

ଦେଶରେ ଆଜି ୧୫ ହଜାର ୬୪୯ଟି ପରୀକ୍ଷା କେନ୍ଦ୍ରରେ ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଦଶମ ଓ ଦ୍ୱାଦଶ ପରୀକ୍ଷାର୍ଥୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍‌ଇ ବୋର୍ଡ ପରୀକ୍ଷା ଦେଇଛନ୍ତି । ଦଶମ ଶ୍ରେଣୀ ପାଇଁ ୨୫ ଲକ୍ଷ ୮ହଜାର ୩୧୯ ଓ ଦ୍ୱାଦଶ ଶ୍ରେଣୀ ପାଇଁ ୧୮ ଲକ୍ଷ ଅଣଷଠୀ ଜହାର ୫୫୧ ଜଣ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଛନ୍ତି ।

ଓଡ଼ିଶାରୁ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଦଶମ ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ଦ୍ୱାଦଶ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ଜଣାପଡିଛି ।

## ମାଟ୍ରିକ୍ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷାରେ ପରୀକ୍ଷାକେନ୍ଦ୍ର ମଧ୍ୟକୁ ପ୍ରବେଶ ସମୟ ନେଇ ପରିବର୍ତ୍ତନ କରାଯାଇଛି । ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, ପୂର୍ବରୁ ପରୀକ୍ଷା କେନ୍ଦ୍ର ମଧ୍ୟକୁ ପୂର୍ବାହ୍ଣ ୯ଟା ୧୫ ମିନିଟ୍ ସୁଦ୍ଧା ପ୍ରବେଶ ପାଇଁ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ଏଥିରେ ଆଉ ୧୫ ମିନିଟ୍ ବୃଦ୍ଧି କରାଯାଇଛି । ଏଣିକି ମାଟ୍ରିକ୍ ବୋର୍ଡ ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ପୂର୍ବାହ୍ଣ ୯.୩୦ ମିନିଟ୍ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସି ପରୀକ୍ଷା ଦେଇପାରିବେ । ଆସନ୍ତା ଗୁରୁବାରଠାରୁ

ଆରମ୍ଭ ହେଉଥିବା ଦଶମ ବୋର୍ଡ ପରୀକ୍ଷା ନିମନ୍ତେ  ପରିଚାଳନା ବ୍ୟବସ୍ଥା କଡାକଡି କରାଯାଇଛି । ସେ କହିଛନ୍ତି, ପରୀକ୍ଷା ସମୟରେ କପି ଯୋଗାଇଲେ କିମ୍ବା ଅନିୟମିତତା ଦେଖାଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଆଲୋଚନାଚକ୍ର

**ଭଦ୍ରକ** ଜିଲ୍ଲା ପାଳିଆବିନ୍ଧା ବିରଂଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ବରିଷ୍ଠ ପ୍ରଫେସର, ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗର ମୁଖ୍ୟ ଯୋଗଦେଇ ଜିଏସ୍‌ଟିର ସାମାଜିକ, ଅର୍ଥନୈତିକ ପ୍ରଭାବ ଓ ସଂସ୍କାର ଉପରେ ଆଲୋଚନା କରିଥିଲେ ।

## ହାତୀ–ରେଡିଓ କଲାର

ହାତୀମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ, ଚନ୍ଦକା ବନବିଭାଗ ତରଫରୁ ହାତୀମାନଙ୍କ ବେକରେ ରେଡିଓକଲାର ବାନ୍ଧିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଚନ୍ଦକା ବନାଞ୍ଚଳ ଓ ଭରତପୁର ଜଙ୍ଗଲ ଭିତରେ ଥିବା ଦନ୍ତା ହାତୀଙ୍କ ଦେହରେ ପ୍ରଥମେ ରେଡିଓ କଲାର ବନ୍ଧାଯିବା ଲାଗି ନିଷ୍ପତ୍ତି ହୋଇଛି । ଡିଏଫ୍‌ଓଙ୍କ ସୂଚନା ଅନୁଯାୟୀ, ଦନ୍ତାହାତୀଙ୍କୁ ଅଚେତ କରାଯିବା ପରେ ରେଡିଓ କଲାର ବନ୍ଧାଯିବ । ରେଡିଓ କଲାର ସହାୟତାରେ ସାଟେଲାଇଟ୍ ଜରିଆରେ ହାତୀର ଗତିବିଧି ସମ୍ପର୍କରେ ବନ ବିଭାଗ ସୂଚନା ପାଇପାରିବ ବୋଲି କୁହାଯାଇଛି ।

## ଉଦ୍ୟମିତା ପ୍ରଶିକ୍ଷଣ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲ୍ଲାସ୍ତରୀୟ ୧୨ ଦିନିଆ ଉଦ୍ୟମିତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାର ଯୁବକ-ଯୁବତୀଙ୍କୁ ଅର୍ଥନୈତିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ନିଶାମୁକ୍ତ ଭାରତ

**ଦେବଗଡ଼** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା ରଥ ସହର ପରିକ୍ରମା କରିଥିଲା। ଏହି ଅବସରରେ ଏକ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

## ବରିଷ୍ଠ ନାଗରିକ ସପ୍ତାହ

**ଗଞ୍ଜାମ** ଜିଲ୍ଲା ଭଞ୍ଜନଗର ବ୍ଲକ୍ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ସପ୍ତାହ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗଦେଇ କୃତୀ

ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଛନ୍ତି । ଅପରାହ୍ଣରେ ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଏକ କର୍ମଶାଳାର ଆୟୋଜନ କରାଯିବ ।